# ସରକାର ! ହୁସିଆର

ଧୀରେ ଧୀରେ ଧୀରେ    ମଳୟ ପାଲଟେ    ବଇଶାଖ ମାସ ଝଞ୍ଜା
ତାତିରେ ତାତିରେ    ଚୂତ ପାଚିବାକୁ    ଆଗରୁ ହୋଇଚି ଖଞ୍ଜା ।।

କଳା ପତାକାର    ଲହରେ    ଲହରେ
ପ୍ରପଞ୍ଚ ଶାସନ    ଚହଲେ    ପ୍ରଖରେ
ଓଡ଼ିଆ ଭାଷାରେ    ଶାସନ ନକଲେ    ଭାଙ୍ଗିଯିବ ତାର ରଞ୍ଜା
ନିର୍ମୂଳୀ ଲତା    ଲହସି    ପଡ଼ିବ
ଆଶ୍ରା ଦେବାକୁ    କେହି    ନ ମିଳିବ
ଯୁଗେ ଯୁଗେ ପରା    ଏ ଓଡ଼ିଆ ଜାତି    ଶତ୍ରୁ-ଗରବ-ଭଞ୍ଜା ।।

ମନେରଖ ପୁଏ    ଓଡ଼ିଆରେ ଯିଏ    ନଥିପତ୍ର ନ କରିବ,
ଓଡ଼ିଶାରେ ତାର    ଥାନ ନ ରହିବ    ବାଏଁ ବାଏଁ ଉଡ଼ିଯିବ ।
ବାପା ବାପା    ହେଲେ    କି ହେବ ପିଲେରେ ?
ଭାଷାଜନନୀର    କୋପ    ଉପୁଜିଲେ
ଜାଗିବ ଓଡ଼ିଆ ,    ଓଡ଼ିଶା ଭୂଇଁରେ    ଅଗ୍ନି ବରଷା ହେବ ।।

ଧୀରେ ଧୀରେ ଧୀରେ    ମଳୟ ପାଲଟେ    ବଇଶାଖ ମାସ ଝଞ୍ଜା
ତାତିରେ ତାତିରେ    ଚୂତ ପାଚିବାକୁ    ଆଗରୁ ହୋଇଚି ଖଞ୍ଜା ।
ଭୁଲ ନାହିଁ    ଏଇ    ଆପ୍ତ ବଚନ ;
କଳା ପତାକାର    ତାତି    ଅକାରଣ
ହେବନାଇଁ କେବେ ;    ଏ ଓଡ଼ିଆ ଜାତି    ବୈରୀ-ଗରବ-ଭଞ୍ଜା ।
କୋମଳ ସରଳ    ହେଲେ ବି ସିଏ ରେ    ରାଗିଲେ ତତଲା ଝଞ୍ଜା ।।

ତାକୁ ତତାଇବା    ସାହସ ନ କର    ମନ୍ତ୍ରୀ ଅମଲା ପଞ୍ଝା
ଭାଷାଦ୍ରୋହୀ ପ୍ରତି    ଦଣ୍ଡବିଧାନ    ଆଇନରେ କର ଖଞ୍ଜା ।।